**ସଂକ୍ଷେପରେ**

## ଚୋରି ଶିଶୁପୁତ୍ର ଭୁବନେଶ୍ୱରରୁ ଉଦ୍ଧାର

ଖଲ୍ଲିକୋଟ,୧୮।୧(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବସଷ୍ଟାଣ୍ଡରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ଶିଶୁପୁତ୍ରକୁ ପୋଲିସ ଭୁବନେଶ୍ୱରରୁ ଗୁରୁବାର ଉଦ୍ଧାର କରିଛି। ତା' ସହିତ ଅନ୍ୟ ଏକ ଶିଶୁଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଚୋରି କରିଥିବା ମହିଳାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଖଲ୍ଲିକୋଟ ବ୍ଲକ ବାଣିଆ ଗ୍ରାମର ସ୍ୱାମୀ ପରିତ୍ୟକ୍ତ ମହିଳା ମାମା ଗୌଡ଼ ତାଙ୍କ ମା'ଙ୍କ ସହ ନିଜର ୧୦ ମାସର ଶିଶୁପୁତ୍ରକୁ ଧରି ବସଷ୍ଟାଣ୍ଡଠାରେ ଥିବା ଏକ ବସ୍ତ୍ରାଳୟ ଦୋକାନ ବାରଣ୍ଡାରେ ରାତିରେ ଶୋଇଥିଲେ। ବୁଧବାର ସକାଳୁ ଉଠି ଦେଖିବା ବେଳକୁ ଶିଶୁପୁତ୍ର ନ ଥିଲା। ଖଲ୍ଲିକୋଟ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ତାଙ୍କ ନିକଟରେ ଶୋଇଥିବା ଆଉ ଜଣେ ମହିଳା ପିଲାଟିକୁ କାନ୍ଧରେ ପକାଇ ଭୋର ୫.୨୦ ସମୟରେ ନେଇ ଯାଉଥିବା ସିସିଟିଭିରେ ଦେଖିବାକୁ ମିଳିଥିଲା। ପୋଲିସର ଏକ ଟିମ୍ ସିସିଟିଭି ଫୁଟେଜ୍‌କୁ ଆଧାର କରି ତାରସିଂ ଥାନା ଅନ୍ତର୍ଗତ ରଙ୍ଗମେରୁ ହାନନ୍ଦ ଖୋଲା ଗ୍ରାମରେ ପହଞ୍ଚିଥିଲେ। ଚୋରି କରିଥିବା ମହିଳାଙ୍କ ନାମ ପ୍ରଭାସିନୀ ପ୍ରଧାନ ବୋଲି ଜାଣିବାକୁ ପାଇଥିଲେ। ତାଙ୍କ ମୋବାଇଲ ଫୋନ୍‌କୁ ଟ୍ରାକ କରିବାରୁ ସେ ଭୁବନେଶ୍ୱରର ସୁନ୍ଦରପଦାରେ ଥିବା ଜଣାପଡ଼ିଥିଲା। ପୋଲିସ ସୁନ୍ଦରପଦାରେ ପହଞ୍ଚି ପ୍ରଭାସିନୀଙ୍କୁ ଗିରଫ କରିବା ସହ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଏହାପରେ ତାଙ୍କଠାରୁ ସୂଚନା ପାଇ ନିକଟରେ ରହୁଥିବା ପୂଜକ ସୁବାଷ ପଣ୍ଡାଙ୍କ ଠାରୁ ଏକ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ ।

## ପୀତବାସ ପଣ୍ଡା ନବରଙ୍ଗପୁର ଜିଲା କଂଗ୍ରେସ ସଂଯୋଜକ

ବ୍ରହ୍ମପୁର,୧୮।୧(ନରସିଂହ ସାହୁ)

୨୦୨୪ ଲୋକସଭା ନିର୍ବାଚନ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ବ୍ରହ୍ମପୁରର କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ନବରଙ୍ଗପୁର ଜିଲାର ସଂଯୋଜକ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ନିର୍ବାଚନକୁ ଠିକଣା ଭାବରେ ଦାୟିତ୍ୱ ତୁଲାଇବାକୁ ପିସିସି ସଭାପତି ଶରତ ପଟ୍ଟନାୟକ ଓ ରାଜ୍ୟ ପ୍ରଭାରୀ ଡ଼. ଅଜୟ କୁମାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ନୂଆ ଦାୟିତ୍ୱ ପାଇଁ ସେ ଉଭୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଦ୍ୟୁତ ଆଘାତରେ ଯୁବକ ମୃତ

ବ୍ରହ୍ମପୁର,୧୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ ବିଏସଏନଏଲ କାର୍ଯ୍ୟାଳୟ ସମ୍ମୁଖ ଏକ ଦୋକାନରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉତ୍ତରପ୍ରଦେଶର ବବୁଲ ଚୌହାନ(୩୨)। ପୋଲିସ ମୃତଦେହ ଜବତ କରି ୧/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ନଦୀରେ ବୁଡ଼ି ନାବାଳକ ମୃତ

ହିଞ୍ଜିଳିକାଟୁ, ୧୮।୧(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ନନ୍ଦିକ ଗ୍ରାମ ନିକଟସ୍ଥ ଋଷିକୂଲ୍ୟା ନଦୀରେ ବୁଡ଼ି ଗୁରୁବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗନ୍ନାଥ ଗୌଡଙ୍କ ପୁତ୍ର ନୀଳମାଧବ (୭)। ଗୁରୁବାର ପ୍ରାୟ ସାଢ଼େ ୧୨ଟା ସମୟରେ ବାପା ଜଗନ୍ନାଥଙ୍କ ସହ ପୁଅ ନୀଳମାଧବ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ଅସାବଧାନତା ବଶତଃ ଶିଶୁର ଗୋଡ ଖସି ଖସିଯାଇଥିଲା। ପୁଅକୁ ନପାଇ ଜଗନ୍ନାଥ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଗ୍ରାମର କିଛି ଲୋକେ ଖୋଜି ନଦୀରୁ ମୃତଦେହ ଉଦ୍ଧାର କରିଥିଲେ।

# ପ୍ରଦୂଷଣ ବଳୟରେ ନୂଆ ବସ୍‌ଷ୍ଟାଣ୍ଡ

- ଦେୟମୁକ୍ତ ଶୌଚାଳୟରେ ତାଲା, ଦେୟଯୁକ୍ତରେ ଜଣ ପିଛା ୨୦ ଟଙ୍କା
- ଅସ୍ୱାସ୍ଥ୍ୟକର ପରିବେଶରେ ଆହାର କେନ୍ଦ୍ର

ବ୍ରହ୍ମପୁର,୧୮।୧(ଅଶୋକ କୁମାର ସାହୁ)

ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ମୁଖ୍ୟ ବ୍ୟବସାୟିକ ସ୍ଥଳ ହୋଇଥିବାରୁ ଏଠାକୁ ପର୍ଯ୍ୟାପ୍ତ ରେଳ ଓ ବସ ସୁବିଧା ରହିଛି। ସହରକୁ ପ୍ରତ୍ୟେହ ଲକ୍ଷାଧିକ ଲୋକଙ୍କ ଯାତାୟାତ ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଷ୍ଟାଡିୟମ ନିକଟ ଏକ ସଂକୀର୍ଣ୍ଣ ଜାଗାରେ ଥିବା ପୁରୁଣା ବସଷ୍ଟାଣ୍ଡକୁ ଗୋଇଲୁଣ୍ଡି ନିକଟକୁ ସ୍ଥାନାନ୍ତର କରାଯାଇ ନୂଆ ବସଷ୍ଟାଣ୍ଡର ରୂପ ଦିଆଯାଇଛି। ହେଲେ ସେହି ରୂପ ମଳିନ ପଡିଯାଇଛି। ଦୂଷିତ ପରିବେଶରେ ଯାତ୍ରୀ ହନ୍ତସନ୍ତ ହେଉଥିବା ବେଳେ ଦାୟିତ୍ୱରେ ଥିବା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଇଡିଏ)ର ଅପରାଗତା ପଦାକୁ ଆସିଛି।

କୋର୍ଟପେଟା ଛକରୁ ଗେଟବଜାର ଅଭିମୁଖେ ଗଲାବେଳେ ଭାବାନଗର ନିକଟରେ ରହିଛି ନୂଆ ବସଷ୍ଟାଣ୍ଡ। ବିଭିନ୍ନ ସ୍ଥାନରୁ ଦୈନିକ ଘରୋଇ ଓ ଓଏସ୍ଆରଟିସିର ପ୍ରାୟ ୩୦୦ ଗାଡି ଯା'ଆସ କରୁଥିବାବେଳେ ସ୍ଥାନ ପର୍ଯ୍ୟାପ୍ତ ହେଉନାହିଁ। ବସଷ୍ଟାଣ୍ଡ ବାହାରେ ଯାତ୍ରୀଙ୍କ ସୁବିଧା ପାଇଁ ୨୦୦୨ରେ ବିଇଡିଏ ପକ୍ଷରୁ ଏକ ମାର୍କେଟ କମ୍ପ୍ଲେକ୍ସ କରାଯାଇଛି।



ଯାତ୍ରୀମାନେ ବସକୁ ଅପେକ୍ଷା କରିଛନ୍ତି।

ବସଷ୍ଟାଣ୍ଡ ଭିତରେ ଅନେକ ଦୋକାନ ବଜାର, ଘରୋଇ ବସ ଓ ଓଏସଆରଟିସି ବସ ପାଇଁ ଟିକେଟ କାଉଣ୍ଟର ରହିଛି। ଶୌଚାଳୟ, ଆହାର କେନ୍ଦ୍ର ରହିଛି। ଦୁଇଟି ବିଶ୍ରାମ ଗୃହ ବି ରହିଛି। ସେଥିରୁ ବସଷ୍ଟାଣ୍ଡ ମଝିରେ ଥିବା ବିଶ୍ରାମ ଗୃହରେ ଲାଗିଥିବା ଫ୍ୟାନଗୁଡ଼ିକ ଚାଲୁନି। ଲାଇଟ ଜଳୁନି। ଘରୋଇ ଅନୁଷ୍ଠାନ ପକ୍ଷରୁ ଥଣ୍ଡା ପାନୀୟ ପ୍ରକଳ୍ପ ଲାଗିଥିଲେ ବି ପାଣି ଆସୁନି। ଆଉ ଗୋଟିଏ ବିଶ୍ରାମଗୃହ ରହିଛି କମର୍ସିଆଲ କମ୍ପ୍ଲେକ୍ସ ପଛରେ। ତାହା ନିଶାଡିଙ୍କ ଆଡ୍ଡାସ୍ଥଳ ପାଲଟିଛି। ରାତିରେ ଉକ୍ତ ସ୍ଥାନ ଅନ୍ଧାର ହୋଇଯାଉଥିବାରୁ ସେଠାରେ ଲୋକେ ମଳତ୍ୟାଗ କରିବାକୁ ପଛାଉନାହାନ୍ତି। ସର୍ବସାଧାରଣ ପରିସ୍ରାଗାରରେ ତାଲା ପଡିଥିବା ଓ ଦେୟଯୁକ୍ତ ଶୌଚାଳୟରେ ଜଣପିଛା ୨୦ ଟଙ୍କା ନିଆଯାଉଥିବାରୁ ବସଷ୍ଟାଣ୍ଡ ଭିତର ଓ ଚାରିପଟେ ଥିବା ଡ୍ରେନକଡ ପରିସ୍ରାଗାର ପାଲଟିଛି। ସେଠାରୁ ବାହାରୁଥିବା ଦୁର୍ଗନ୍ଧ ଅଞ୍ଚଳକୁ ଦୂଷିତ କରୁଛି। ବସ ପ୍ରସ୍ଥାନ ଦ୍ୱାର ନିକଟରେ ଏକ ଆହାର କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ର ସମ୍ମୁଖରେ ଆବର୍ଜନା ପାଣି ଜମି ରହୁଥିବାରୁ ଦୁର୍ଗନ୍ଧ ବାହାରୁଛି। କିନ୍ତୁ ଯାତ୍ରୀମାନେ ସାମୟିକ ଆସୁଥିବାରୁ ସେହି ଦୁର୍ଗନ୍ଧ ପରିବେଶରେ ଉକ୍ତ ଆହାର କେନ୍ଦ୍ରରେ ଖାଇ ଚାଲିଯାଉଥିବା କହିଛନ୍ତି। ଶୃଙ୍ଖଳା ରକ୍ଷା ପାଇଁ ଏକ ପୋଲିସ ଫାଣ୍ଡି ଥିଲେ ବି ବସ ନିୟନ୍ତ୍ରଣ ନିମନ୍ତେ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଶ୍ରାମସ୍ଥଳରେ ଥିବା ପୋଲିସ ସହାୟତା କେନ୍ଦ୍ର ମୁକୁଳା ପଡିଛି। ସେହିପରି ବାହାରେ ଥିବା ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ବିଏମସିର ଏକ ଡଷ୍ଟବିନ ପଏଣ୍ଟ ରହିଛି। ତା' ନିକଟରେ ଆବର୍ଜନା ଗଦେଇ ହେଉଛି। ସେଠାରୁ ବାହାରୁଥିବା ଦୁର୍ଗନ୍ଧ ପରିବେଶକୁ ଦୂଷିତ କରୁଛି। କମ୍ପ୍ଲେକ୍ସ ସମ୍ମୁଖରେ ବିରାଟ ଡ୍ରେନ ଥିବାବେଳେ ପ୍ରାୟ ସ୍ଥାନରେ ଢାଙ୍କୁଣି ପଡିନଥିବାରୁ ସେଥିରୁ ବି ଦୁର୍ଗନ୍ଧ ବାହାରୁଛି। ତେଣୁ ବାହାର ଓ ଭିତରର ଦୁର୍ଗନ୍ଧମୟ ପରିବେଶ ଯାତ୍ରୀଙ୍କୁ ଯନ୍ତ୍ରଣା ଦେଉଛି। ଏ ନେଇ ଯାତ୍ରୀଙ୍କ ମେଳରେ ଥିବା ଆରବି କୋଚର ଲଗେଜ ମ୍ୟାନେଜର ଦଣ୍ଡପାଣି ଦଳାଇଙ୍କୁ ପଚାରିବାରୁ ସେ କହିଲେ ଯେ, ନୂଆ ବସଷ୍ଟାଣ୍ଡକୁ ଏବେ ସିଟି ବସଷ୍ଟାଣ୍ଡର ମୋହର ଲାଗିଛି। ସମସ୍ୟାରେ ବୁଡି ରହିଛି ଏହି ବସଷ୍ଟାଣ୍ଡ। ବିଇଡିଏ ଚାହିଁଲେ ଯାତ୍ରୀ ସୁବିଧା ପାଇବେ। ଯାତ୍ରୀମାନେ ମଧ୍ୟ ତାଙ୍କ କଥାରେ ଏକମତ ହୋଇଥିଲେ। ଏ ସଂକ୍ରାନ୍ତରେ ବିଇଡିଏର ସେକ୍ରେଟାରି ସମ୍ବିତ କୁମାର ରାଉତଙ୍କୁ ପଚାରିବାରୁ ସେ କହିଲେ ଯେ, ପର୍ଯ୍ୟାୟକ୍ରମେ ବିକାଶ କରାଯାଉଛି। ଲୋକଙ୍କ ସଚେତନତାର ଅଭାବ ଯୋଗୁ ଦୂଷିତ ପରିବେଶ ସୃଷ୍ଟି ହେଉଛି। ତଥାପି ଏହାକୁ ଆଖି ଆଗରେ ରଖାଯାଇ ପଦକ୍ଷେ ନିଆଯାଉଛି। ସର୍ବସାଧାରଣ ଶୌଚାଳୟରେ ତାଲା ପଡିଥିବା କଥା ପଚାରିବାରୁ ଏହାର କାରଣ ସମ୍ପର୍କରେ ପଚାରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଚୋର ସନ୍ଦେହରେ ଯୁବକଙ୍କୁ ଛେଚିଲେ

ବ୍ରହ୍ମପୁର,୧୮।୧( ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ବାବାଜୀ ତୋଟାସାହି ଛକରେ ଗୁରୁବାର ଜଣେ ଯୁବକଙ୍କୁ ଚୋର ସନ୍ଦେହରେ ନିସ୍ତୁକ ମାଡ଼ ମରାଯାଇଛି। ଜଣେ ମିଠା ବ୍ୟବସାୟୀ ଓ କେତେଜଣ ଯୁବକ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ପିଟିଥିବା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଦୋକାନରୁ ୧୧୦ ଟଙ୍କା ଚୋରି କରିଥିବା ସନ୍ଦେହରେ ତାଙ୍କୁ ମାଡ଼ ମରାଯାଇଛି। ଖବରପାଇ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରିଛି। ବ୍ୟବସାୟୀଙ୍କୁ ଏ ନେଇ ଥାନାରେ ଅଭିଯୋଗ କରିବାକୁ କହିଛି। ପ୍ରକାଶ ଯେ, ଟିକିଟି ଅଞ୍ଚଳର ଜଣେ ଯୁବକ ବାବାଜିତୋଟା ସାହି ଛକରେ ଥିବା ଏକ ମିଠା ଦୋକାନକୁ ଆସିଥିଲେ। ପୂର୍ବରୁ ଉକ୍ତ ଦୋକାନରୁ ଚୋରି ହୋଇଥିବା ବେଳେ ଦୋକାନ ଭିତରେ ଲାଗିଥିବା ସିସିଟିଭି ଫୁଟେଜରୁ ଦୋକାନୀ ଉକ୍ତ ଯୁବକଙ୍କୁ ଚୋର ସନ୍ଦେହରେ ଅଟକ ରଖି ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପରେ ଯୁବକଙ୍କ ପକେଟରେ ଥିବା ଏକ ମୋବାଇଲ ଓ କିଛି ଟଙ୍କା ଛଡାଇ ନେଇଥିଲେ। ଦୋକାନୀ ଜଣଙ୍କ ଉକ୍ତ ମୋବାଇଲ ଓ ଟଙ୍କା ପୋଲିସକୁ ଜିମା ଦେଇଛନ୍ତି। ହେଲେ ପୋଲିସ ଉଦ୍ଧାର କରିଥିବା ଯୁବକ ଜଣଙ୍କ ପ୍ରକୃତରେ ଚୋରି କରିଛନ୍ତି କି ନାହିଁ ତାହା ଏଯାବତ ସ୍ପଷ୍ଟ ହୋଇନି କି ଥାନାରେ ଅଭିଯୋଗ କରାଯାଇନାହିଁ।

# ୨୦ରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବ୍ରହ୍ମପୁର,୧୮।୧(ସ୍ମୃତି ରଞ୍ଜନ ମହାଲିକ୍)

ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ଆସନ୍ତା ୨୦ତାରିଖରୁ ୧୬ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ୬ଦିନ ଧରି ହେବାକୁ ଥିବା ଏହି ନାଟକ ମହୋତ୍ସବ ସମ୍ପର୍କରେ ଗୁରୁବାର ଉତ୍କଳ ଆଶ୍ରମ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଓଡିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର କହିଛନ୍ତି, ପ୍ରଥମ ସନ୍ଧ୍ୟାରେ ନୟାଗଡ଼ ସିରିଏସ ଜୋନ ତରଫରୁ ନାଟକ 'ବାଞ୍ଛ', ଦ୍ୱିତୀୟ ସନ୍ଧ୍ୟାରେ ଭୁବନେଶ୍ୱର ଡାଇନାମିକ ପ୍ଲାଟଫର୍ମ ତରଫରୁ 'ଶୁଣ ସୁଜନେ', ତୃତୀୟ ସନ୍ଧ୍ୟାରେ ସମ୍ବଲପୁର ସ୍ୱର ତରଫରୁ ନାଟକ 'ମହାଯାତ୍ରା', ଚତୁର୍ଥ ସନ୍ଧ୍ୟାରେ ଦେବଗଡ଼ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ତରଫରୁ ନାଟକ 'ଲୁହର ରଙ୍ଗ', ପଞ୍ଚମ ସନ୍ଧ୍ୟାରେ ଖୋର୍ଦ୍ଧା ଇନ୍ଦ୍ରଧନୁ ଥିଏଟର ତରଫରୁ 'ମୁଁ ନିର୍ଭୟା କହୁଛି' ଓ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଶେଷ ସନ୍ଧ୍ୟାରେ ପୁରୀ ଶ୍ରୀକ୍ଷେତ୍ର ନାଟ୍ୟଶାଳା ତରଫରୁ ନାଟକ 'କାବ୍ୟ ପୁରୁଷ' ମଞ୍ଚସ୍ଥ ହେବ। ନାଟକ ମହୋତ୍ସବରେ ନାଟକ ସହ ସାଧାରଣ ସଭା, ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ଦିଆଯାଇଛି। ନାଟକ ମହୋତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ସହିତ ବହୁ ରାଜନେତାମାନେ ଉପସ୍ଥିତ ରହିବେ। ପ୍ରତି ସନ୍ଧ୍ୟାରେ ନାଟକ ପରେ ନାଟକ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିବା ସଠିକ ଉତ୍ତରଦାତା ଦର୍ଶକଙ୍କୁ ପୁରସ୍କୃତ କରାଯିବ। ନାଟକ ସମାରୋହ ସମିତି ସମ୍ପାଦକ ରାଜଗୋପାଳ ପାଢ଼ୀ ସ୍ୱାଗତ ଅଭିଭାଷଣ ସହ ନାଟକ ମହୋତ୍ସବ ନେଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପଦେଷ୍ଟା ରାଜ କିଶୋର ପାଢ଼ୀ, ଭବାନୀ ଶଙ୍କର ମିଶ୍ର, ଉପସଭାପତି ଡ଼. ସନ୍ୟାସୀ ମହାରଣା, ସାଙ୍ଗଠନିକ ସମ୍ପାଦକ ଶଙ୍କର୍ଷଣ ସାବତ, କୋଷାଧ୍ୟକ୍ଷ ବିନାୟକ ହୋତା, ସହ ସମ୍ପାଦିକା ଆରତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପସଭାପତି କୈଳାସ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ମହାମାୟୀ ମହିଳା କଲେଜ ଆତ୍ମସୁରକ୍ଷା ତାଲିମ ଶିବିର

ବ୍ରହ୍ମପୁର,୧୮।୧(ତନୁଶ୍ରୀ ନାହାକ)

ମହାମାୟୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ ଛାତ୍ରୀଙ୍କ ନିମନ୍ତେ ଆତ୍ମ ସୁରକ୍ଷା ତାଲିମ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କବିତା ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଆତ୍ମ ସୁରକ୍ଷା ତାଲିମ ସଂଯୋଜକ ଦାଶରଥୀ ମୁର୍ମୁ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କରାଟେ ବ୍ଲାକବେଟ ବିଜୟୀ ବି. ଶତୀଶ କୁମାର ରାଓ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷାର କୌଶଳ ଶିଖାଇଥିଲେ। ଏହି ତାଲିମ ଶିବିରକୁ ମହାବିଦ୍ୟାଳୟ ବିଜ୍ଞାନ ବିଭାଗ ଅଧ୍ୟାପିକା ଆଶା କିରନ ପଣ୍ଡା ପରିଚାଳନା କରୁଛନ୍ତି। ସେହିପରି ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ହେଉଛି। ଏହାକୁ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼.ରମେଶ ଚନ୍ଦ୍ର ପ୍ରଧାନ ପରିଚାଳନା କରଛନ୍ତି।

## ମହିଳାଙ୍କୁ ପୋଡ଼ି ହତ୍ୟା ମାମଲା: ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୧୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ମହିଳାଙ୍କୁ ପୋଡ଼ି ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଗଞ୍ଜାମ ଜିଲା ଓ ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଉକ୍ତ ମାମଲାର ବିଚାରକରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ବ୍ରହ୍ମପୁର ଆଙ୍କୁଲି ପ୍ରଧାନ ସାହିର କାଳୁ ଚରଣ ଶତପଥୀ(୩୨) । ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ଆଙ୍କୁଲି ବଡସାହିର ଗଦାଧର ନାୟକ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବୋଲସର ଗ୍ରାମର ଟୁନା ଭୋଳଙ୍କ ଝିଅ ଝରଣାଙ୍କୁ ୧୫ବର୍ଷ ତଳେ ବିବାହ କରିଥିଲେ। ସେମାନଙ୍କ ୨ଟି ସନ୍ତାନ ଅଛନ୍ତି। ୬ ବର୍ଷ ତଳେ କାଳୁଙ୍କ ସହ ଝରଣାଙ୍କର ଅନୈତିକ ସମ୍ପର୍କ ଗଢି ଉଠିଥିଲା। ଏହାକୁ ନେଇ ସ୍ତ୍ରୀଙ୍କ ସହ ଗଦାଧରଙ୍କ ଝଗଡା ହୋଇଥିଲା। ପରେ ସେ ସ୍ତ୍ରୀ ଓ ପିଲାଙ୍କୁ ଶ୍ୱଶୁରଘରେ ଛାଡି ଦେଇଥିଲେ। କିଛିମାସ ପରେ ସମସ୍ତେ ପୁଣି ଘରକୁ ଆସିଥିଲେ। ୨୦୨୧ ଜୁନ ୧୬ ତାରିଖ ରାତି ପ୍ରାୟ ୧୧ଟାରେ ଝରଣା ବାରିପଟକୁ ଯାଇଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା କାଳୁ



କାଳୁ ଚରଣ ଶତପଥୀ।

ତାଙ୍କୁ ବଳପୂର୍ବକ ଟାଣି ନେଇ ସାଙ୍ଗରେ ଚାଲିଯିବାକୁ ବାଧ କରିଥିଲେ। ଝରଣା ରାଜି ନ ହେବାରୁ ସେ ତାଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ଝରଣାଙ୍କ ଶରୀରର ୮୦ ରୁ ୮୫ ଭାଗ ପୋଡି ଯାଇଥିଲା। ଚିକିତ୍ସା ସମୟରେ ୨ଥର ଝରଣାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇଥିଲା। ଗଦାଧରଙ୍କ ଅଭିଯୋଗକ୍ରମେ ପୋଲିସ କାଳୁଙ୍କୁ ଗିରଫ କରିଥିଲା। ଝରଣାଙ୍କ ମୃତ୍ୟୁ ପରେ ହତ୍ୟା ଉଦ୍ୟମ ମାମଲାଟି ହତ୍ୟା ମାମଲାରେ ରୂପାନ୍ତରିତ ହୋଇଥିଲା। ଏହି ମାମଲାର ବିଚାର ବେଳେ ୧୦ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡା ମକଦ୍ଦମା ପରିଚାଳନା କରୁଥିଲେ।

# ମହାନାଦପୁରରେ ପାଣି ପଞ୍ଚାୟତ ପକ୍ଷ ପାଳିତ

ଛତ୍ରପୁର,୧୮।୧(ସନ୍ତୋଷ ପାଢ଼ୀ):

ମହନାଦପୁର ପଞ୍ଚାୟତରେ ଥିବା ଇଟାଗାଡ଼ିଆ ବନ୍ଧ ନିକଟରେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ଗଞ୍ଜାମ -୨ ଅଧୀକ୍ଷଣ ଯନ୍ତ୍ରୀ କରଣ କୁମାର ସୁବୁଦ୍ଧିଙ୍କ ସଭାପତିତ୍ୱ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅଥିତି ଭାବରେ ଯୋଗଦେଇ ପାଣି ପଞ୍ଚାୟତର ଗୁରୁତ୍ୱ ଉପରେ ସ୍ଥାନୀୟ ଚାଷୀଙ୍କୁ ଅବଗତ କରାଇଥିଲେ। ବୈଠକରେ ରାଜ୍ୟ ଜଳ ବ୍ୟବହାରକାରୀ ସଂଗଠନ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଏବଂ ମହେଶ୍ୱର ବରାଡ଼, ସରପଞ୍ଚ ରବୀନ୍ଦ୍ର ରାଉଳ, ଛତ୍ରପୁର କ୍ଷୁଦ୍ର ଜଳସେଚନ ଯନ୍ତ୍ରୀ ନରସିଙ୍ଗ ପାତ୍ର ଯୋଗଦେଇ ସଭା କାର୍ଯ୍ୟ ସମ୍ପାଦନ କରିଥିଲେ। ଉକ୍ତ ଦିବସରେ



ଛତ୍ରପୁର, ଗଞ୍ଜାମ, ଖଲ୍ଲିକୋଟ ଏବଂ ପୁରୁଷୋତ୍ତମପୁର ଅଧିନରେ ରହିଥିବା ସମସ୍ତ ପଞ୍ଚାୟତସ୍ତରୀୟ ସଂଗଠନର ମୁଖ୍ୟମାନଙ୍କୁ ନେଇ ଏହି ଦିବସ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ପ୍ରଥମେ ଛତ୍ରପୁର ସହକାରୀ ଯନ୍ତ୍ରୀ ସ୍ୱାଗତ ଭାଷଣ ଦେଇ ସଭାକାର୍ଯ୍ୟ ଆରମ୍ଭ କରିଥିବା ବେଳେ ଗଞ୍ଜାମ -୨ ଅଧୀକ୍ଷଣ ଯନ୍ତ୍ରୀ କରଣ କୁମାର ସୁବୁଦ୍ଧି ଏହି ଉତ୍ସବ ଆୟୋଜନର ଆଭିମୁଖ୍ୟ ଏବଂ ପାଣି ପଞ୍ଚାୟତର ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ଆଲୋଚନା କରିଥିଲେ। ଶେଷରେ ଅରୁଣ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ରସାୟନିକ ବିପର୍ଯ୍ୟୟ ମକ୍‌ଡ୍ରିଲ

ବ୍ରହ୍ମପୁର,୧୮।୧(ଅଶୋକ କୁମାର ସାହୁ)

ରସାୟନିକ ବିପର୍ଯ୍ୟୟର ମୁକାବିଲା ନେଇ ଆଇଆରଇଏଲ ପରିସରରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହଯୋଗରେ ଏକ ରାଜ୍ୟସ୍ତରୀୟ ରସାୟନିକ ବିପର୍ଯ୍ୟୟ ମକଡ୍ରିଲ ଆୟୋଜିତ ହୋଇଛି। ଜରୁରୀକାଳୀନ ପ୍ରତିକ୍ରିୟା ପ୍ରଣାଳୀକୁ ଶୃଙ୍ଖଳିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଥିରେ ଓଡିଆରଏଫ ଟିମ, ପ୍ରଦୂଷଣ ଅଧିକାରୀ, ଅଗ୍ନିଶମ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଖନନ ପ୍ରଭାଗ ମହାପ୍ରବନ୍ଧକ ସିଭିଆର ମୂର୍ତ୍ତି, ମୁଖ୍ୟ ରୀପ ଏବଂ ଟେକନିକାଲ ଡିଭିଜନ ମହାପ୍ରବନ୍ଧକ ବିଘ୍ନରାଜ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ହରମୀତ ଆଣ୍ଟୋନୀ, ରାଜେଶ କୁମାର ଦାଶ, ଆଶୁତୋଷ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

## ବ୍ରହ୍ମପୁରରେ ହାଇକୋର୍ଟ ବିଚାରପତି

ବ୍ରହ୍ମପୁର,୧୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ଓ ବିଚାରପତିଙ୍କ ଭିତରେ ସୁସମ୍ପର୍କ ରହିଲେ ସାଧାରଣ ଲୋକ ସହଜରେ ଓ ସୁବିଧାରେ ନ୍ୟାୟିକ ସୁବିଧା ପାଇପାରିବେ। ଗୁରୁବାର ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଏହା କହିଛନ୍ତି। ଗଞ୍ଜାମ ଜିଲା ଓ ଦୌରା ଜଜ ରୂପଶ୍ରୀ ଚୌଧୁରୀ ହାଇକୋର୍ଟ ବିଚାରପତିଙ୍କୁ ସ୍ୱାଗତ କରିଥିଲେ। ଓକିଲ ସଂଘ ସଭାପତି ମିନତି ରଥଙ୍କ ଅଧ୍ୟକ୍ଷତାର ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ି, ସୁଧାଂଶୁ ଶେଖର ପଣ୍ଡା, ନିର୍ମଳ ସାହୁ, ପୀତବାସ ପଣ୍ଡା, ଦୀପକ ପଟ୍ଟନାୟକ, ମୋହନ ସିଂଘାରୀ, ମନୋଜ ପଟ୍ଟନାୟକ, ପ୍ରଦୀପ କୁମାର ପଟ୍ଟନାୟକ, କୈଳାସ ଚନ୍ଦ୍ର ପଣ୍ଡା, ଅନୀଲ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ଭି.ଚନ୍ଦ୍ରଶେଖର, ସମ୍ପାଦକ ଶିବ ନାରାୟଣ ସାହୁ, ସହ ସମ୍ପାଦକ ତାପସ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହାଇକୋର୍ଟ ବିଚାରପତି ବେହେରା ଯୁବ ଆଇନଜୀବୀଙ୍କୁ ଉତ୍ସାହିତ କରିଥିଲେ।

# ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି, ଧାରଣା

ବ୍ରହ୍ମପୁର,୧୮।୧(ସ୍ମୃତି ରଞ୍ଜନ ମହାଲିକ)

ବିଭିନ୍ନ ଦାବି ନେଇ ଗଞ୍ଜାମ ଜିଲା ପ୍ରାଣୀ ଚିକିତ୍ସା ସେବା ସଂଘ ଆହ୍ୱାନ କ୍ରମେ ଗୁରୁବାର ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ସମୂହ ଛୁଟି ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ପ୍ରାଣୀ ପାଳକମାନଙ୍କୁ ନିଶୁଳ୍କ ବିଶେଷଜ୍ଞ ସେବା, ରେଫରାଲ ସୁବିଧା ସେବା, ଦ୍ୱାର ଦେଶରେ ଚିକିତ୍ସା ସୁବିଧା ନାହିଁ। ଫଳରେ ପ୍ରାଣୀ ଚିକିତ୍ସକମାନେ ସେମାନଙ୍କ ଆକ୍ରୋଶର ଶୀକାର ହେଉଛନ୍ତି। ଏଥିସହ ଚାକିରି କ୍ଷେତ୍ରରେ ପଦୋନ୍ନତି ନ ଥିବା, ଗୋଟିଏ ଦରମା ହାରରେ କାର୍ଯ୍ୟ କରିବା, ୪୦% କର୍ମଚାରୀ ପଦବୀ ଖାଲି ପଡିବା ଓ କାର୍ଯ୍ୟ ସମୟ ପରେ ଏବଂ ଛୁଟି ଦିନରେ ସରକାରୀ କାର୍ଯ୍ୟ ପାଇଁ ବାଧ କରାଯିବା କାରଣରୁ ଚାପ ପଡୁଛି। ତେଣୁ ପ୍ରାଣୀ



ପାଳନ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରଣ ସହ ଆବଶ୍ୟକ କ୍ୟାଡର ପୁନର୍ଗଠନ, କେନ୍ଦ୍ରୀୟ ହାରରେ ଡିଏସିପି ଓ ଏନପିଏ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସଂଘ ଦାବି କରିଛି। ଶିକ୍ଷାଗତ ଓ ବୃତ୍ତିଗତ ଅସମାନତା ଆଧାରରେ ପଂଚମ, ଷଷ୍ଠ ଓ ସପ୍ତମ ବେତନ କମିଶନ ଆଧାରରେ ସାଧାରଣ ବର୍ଗ ଡାକ୍ତର ଏବଂ ପ୍ରାଣୀ ଚିକିତ୍ସକଙ୍କ ପାଇଁ ସମାନ ଦରମା ଓ ପଦୋନ୍ନତି ପାଇଁ ନିର୍ଦ୍ଦେଶ ରହିଛି। ଏନେଇ ସଂଘ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ବି ସୁଫଳ ମିଳି ନ ଥିବା ସଂଘ ଅଭିଯୋଗ କରିଛି। ଦାବି ପୂରଣ ନ ହେବା ଯାଏଁ ସଂଘ ଧାରଣା ଜାରି ରଖିବ ବୋଲି ସଂଘ କହିଛି। ଧାରଣାରେ ଡା ଶୁଭ୍ରକାନ୍ତ ମହାନ୍ତି, ଡା ମନୋଜ ଷଡଙ୍ଗୀ, ଡା ପତିତପାବନ ରଥ ଓ ଡା ମାନସ ରଞ୍ଜନ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଅପହରଣ, ଥାନାରେ ମାମଲା

ଗୋପାଳପୁର,୧୮।୧(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଗତ ୧୬ ତାରିଖ ମଧ୍ୟାହ୍ନରେ ନାବାଳିକା ଜଣଙ୍କ ଟ୍ୟୁଶନ ଯାଉଛି ବୋଲି ଘରେ କହି ସନ୍ଧ୍ୟା ସୁଦ୍ଧା ଫେରି ନ ଥିଲେ। ପରିବାର ଲୋକେ ଆଖପାଖ ଓ ସମ୍ପର୍କୀୟ ଘର ଖୋଜାଖୋଜି କରିଥିଲେ ବି ତାଙ୍କ ପତ୍ତା ମିଳି ନ ଥିଲା। ପରେ ନାବାଳିକାଙ୍କ ବାପା ରଣ୍ଢା ଗ୍ରାମର ଜଣେ ଯୁବକ ତାଙ୍କ ଝିଅକୁ ଜବରଦସ୍ତ ନେଇ ଯାଇଥିବା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୦/୨୪ରେ ଏକ ମାମଲା ରୁଜୁ କର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

# ଭଞ୍ଜନଗରରୁ ଜଗନ୍ନାଥ ଏକ୍ସପ୍ରେସ ବସ୍ ସେବା ଶୁଭାରମ୍ଭ

ଭଞ୍ଜନଗର,୧୮।୧(ବାବୁଲା ପ୍ରଧାନ):

ଗଞ୍ଜାମ ଜିଲା ଭଞ୍ଜନଗରରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ସେବା ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି। ଭଞ୍ଜନଗର ବସ୍‌ଷ୍ଟାଣ୍ଡ ଠାରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ବସ ସେବା ଶୁଭାରମ୍ଭ କରିଥିଲେ। ଜଗନ୍ନାଥ ଏକ୍ସପ୍ରେସ ବସ୍ ସେବାରେ ଭଞ୍ଜନଗର ଭାୟା ଆସିକା ଓ ଭୁବନେଶ୍ୱର ହୋଇ ପୁରୀରେ ବସ୍ ପହଞ୍ଚିବ। ଦୈନନ୍ଦିନ ଉକ୍ତ ବସ ଭଞ୍ଜନଗରରୁ ଚାଲିବ। ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା, ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ, ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ଏନଏସି



ଜଗନ୍ନାଥ ଏକ୍ସପ୍ରେସ ବସ୍ ସେବାର ଶୁଭାରମ୍ଭ କରୁଛନ୍ତି ମନ୍ତ୍ରୀ।

ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଛତ୍ରପୁର ଆଞ୍ଚଳିକ ପରିବହନ ଅଧିକାରୀ, ରାଜ୍ୟ ସଡକ ପରିବହନ ନିଗମ ବ୍ରହ୍ମପୁର ଡିଏମ ଅରୁଣ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ଉଦବୋଧନ ଦେଇଥିଲେ। ଶୂଳପାଣି ସତପଥୀ ସଭା ସଂଯୋଜନା କରିଥିଲେ। ଏହି ଅବସରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଗଣଯୋଗାଯୋଗ ବିଭାଗ ଛାତ୍ରୀଛାତ୍ର ମାନେ ସଡକ ସୁରକ୍ଷା ଉପରେ ନାଟକେ ପରିବେଷଣ କରି ମନ୍ତ୍ରୀଙ୍କ ଦାରା ସମ୍ବର୍ଦ୍ଧିତ ହୋଇଥିଲେ। ଏଥିସହ ବସ୍ ମାଲିକ ସଂଘ କର୍ମକର୍ତ୍ତା, ବିପଦର ବନ୍ଧୁ, ଅଟୋ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

**କୁକୁଡ଼ା ଫାର୍ମରେ ଅଗ୍ନିକାଣ୍ଡ**

ଦିଗପହଣ୍ଡି,(ଅଶେଷନାଥ ମିଶ୍ର)-ଗୁରୁବାର ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଘୋଡାପଲ୍ଲୀ ଗ୍ରାମ ନିକଟରେ ଥିବା ଏକ କୁକୁଡା ଫାର୍ମରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଦିଗପହଣ୍ଡି ଦମକଳ ବାହୀନିର ଦ୍ୱରିତ ପଦକ୍ଷେପ ଯୋଗୁ ଲକ୍ଷାଧିକ ଟଙ୍କା ଧନସମ୍ପତି ଏହି ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛି। ପୂର୍ବାହ୍ନରେ ଫାର୍ମରେ ଇଲେକ୍ଟ୍ରିସର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିଲା। ଫଳରେ କୁମୁଡା ଫାର୍ମରେ ଥିବା ନଡ଼ା ସ୍ତରକୁ ଅଗ୍ନି ବ୍ୟାପିଯାଇଥିଲା। ଫାର୍ମ ମାଲିକ ନବୀନ ଗୌଡ଼ଙ୍କଠାରୁ ଖବର ପାଇ ଦିଗପହଣ୍ଡି ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୩୦ ହଜାର ଟଙ୍କାର ନଡାଗଦା ଧ୍ୱଂସ ହୋଇଯାଇଛି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଅଧ୍ୟାପିକାଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୧୮।୧ (ଗିରିଧାରୀ ପରିଛା): ସ୍ଥାନୀୟ ମହିଳା ଡିଗ୍ରୀ ମହାବିଦ୍ୟାଳୟର ତେଲୁଗୁ ବିଭାଗର ବରିଷ୍ଠ ଅଧ୍ୟାପିକା ସି.ଏଚ. ନିର୍ମଳାଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗତ ୧୫ ତାରିଖରେ ଅଧ୍ୟାପିକା ପୋଙ୍ଗଲ ଉତ୍ସବ ସାରି ନିଜ ପୁଅ ସହିତ ମୋଟର ସାଇକେଲରେ ଗାରବନ୍ଧରୁ ପାରଳାଖେମୁଣ୍ଡି ଆସିବା ବେଳେ ଦୁର୍ଘଟଣା ଘଟିଥିଲା। ତାଙ୍କୁ ଶ୍ରୀକାକୁଲମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଦୁଇଦିନ କୋମା ଅବସ୍ଥାରେ ରହିବା ପରେ ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଅଧକ୍ଷା ଡ଼ଃ ରୀନା ସାହୁଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ଓ ଛାତ୍ରୀମାନଙ୍କ ସମାବେଶରେ ଏକ ଶୋକସଭା ଆୟୋଜନ କରାଯାଇଥିଲା।

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ

ମୋହନା,୧୮।୧(ମନ୍ମଥ ମିଶ୍ର)
ମୋହନା ସ୍ଥିତ ହିଲ୍‌ଟପ୍ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟୟନରତ ଛାତ୍ରୀ ଛାତ୍ରମାନଙ୍କ ଉପସ୍ଥିତିରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଦ୍ୱାରା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସୀମାଞ୍ଚଳ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ବିଶିଷ୍ଟ ସାହିତ୍ୟିକ ଡ.ଶଶାଙ୍କ ଚନ୍ଦ୍ରଚୁଡ ଏବଂ ଡ. ଲକ୍ଷ୍ମୀ କାନ୍ତ ଦାସ ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଏସ୍. ରମେଶ, ଡ. ଅନ୍ତର୍ଯ୍ୟାମୀ ଗୌଡ଼, ଭଗବାନ ବିଶୋୟୀ, ଅନିଲ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

### ଆତ୍ମସୁରକ୍ଷା ତାଲିମ ଶିବିର

ଚିକିଟି,୧୮।୧(ପ୍ରକାଶ ଚନ୍ଦ୍ର ସାହୁ)
ଚିକିଟିଗଡ଼ ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉକ୍ତ ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଗୁରୁବାର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ତାଲିମ ଶିବିର ଦୀର୍ଘ ଆଠ ଦିନ ଧରି ଚାଲିବ ବୋଲି କୁହାଯାଇଛି। ଉଦ୍‌ଘାଟନ ଉତ୍ସବରେ ଚିକିଟି ମହାବିଦ୍ୟାଳୟର ଆଇଆର୍‌ପିଏମ ବିଭାଗର ଅଧ୍ୟାପକ ସୁନିଲ କୁମାର ପଣ୍ଡା ଯୋଗଦେଇଥିଲେ। ରସାୟନ ବିଜ୍ଞାନର ଅଧ୍ୟାପିକା ତଥା ଏହି ଶିବିରର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ମଧୁସ୍ମିତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧିକାରୀ ରଶ୍ମିତା ଶବର ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଶିକ୍ଷକ ଭାବେ ସନ୍ଧ୍ୟାରାଣୀ ମହାରଣା ଓ ରୋହିଣୀ ଖଣ୍ଡୱାଲ୍ ଯୋଗ ଦେଇଥିଲେ।

**ଜି.ଉଦୟଗିରି (ଶିଶିର ପଟ୍ଟନାୟକ):** ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ଶିବିରକୁ ଅଧକ୍ଷ ଶିବରାମ ସାହୁଙ୍କ ଅଧକ୍ଷତାରେ ଥାନାଧିକାରୀ ଅଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ରଞ୍ଜନ କୁମାର ରାଉତରାୟ, ଜିଲା ନୋଡାଲ ଅଫିସର ସନ୍ତୋଷ କୁମାର ପ୍ରଧାନ, ଜିଲା ସଂଯୋଜକ ଶିବରାମ ବେହେରା ଯୋଗଦେଇଥିଲେ।

**କୋଦଳା (ଅମିତ କୁମାର ପଟ୍ଟନାୟକ):** କୋଦଳା ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟନ ହୋଇଯାଇଛି। ଅଧକ୍ଷ ଦାତରାମ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ସଂଯୋଜକ ସରୋଜ କୁମାର ଆଚାର୍ଯ୍ୟ ଏବଂ ଶୁଦେଷ୍ଣା ପ୍ରଧାନ ପରିଚାଳନା କରିଥିଲେ। ତାଲିମ ପ୍ରଶିକ୍ଷକ ସ୍ୱାତୀ ଶତପଥୀ ଓ ପୂଜାରାଣୀ ଦାଶ ତାଲିମ ପ୍ରଦାନ କରିଥିଲେ।

**ଦିଗପହଣ୍ଡି (ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି ଖେମୁଣ୍ଡି ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଅନୁପ କୁମାର ମିଶ୍ରଙ୍କ ଅଧକ୍ଷତା ଏବଂ ଡ. ନିର୍ମଳା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରକୁ ଆଇନଜୀବୀ ହରପ୍ରସାଦ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିଭଳି ବରିଷ୍ଠ ପ୍ରାଧ୍ୟାପକ ଡ. ଅସିତ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ଦିଗପହଣ୍ଡି ବ୍ଲକ ବମୋକେଇ ଗ୍ରାମ ସ୍ଥିତ ଚିଦାନନ୍ଦ ସରସ୍ୱତୀ କନିଷ୍ଠ ଓ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟନ କାର୍ଯ୍ୟକ୍ରମରେ ଅଧକ୍ଷ ଦେବଦତ୍ତ ସୁବୁଦ୍ଧି ଅଧକ୍ଷତା କରିଥିଲେ।

# ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ସାମଗ୍ରୀ ଜବତ

ଫୁଲବାଣୀ, ୧୮।୧(ରାକେଶ କୁମାର ରାଉତ)

ଗୋଚ୍ଛାପଡା ଥାନା ଲୁଇସିଂ ପଞ୍ଚାୟତ ନିକଟ ଜଙ୍ଗଲରେ ମିଳିତ କୋମ୍ବିଂ ଅପରେଶନ ବେଳେ ଯବାନମାନେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛନ୍ତି। ସେଠାରୁ ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି ବୋଲି କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ଗତ ୧୨ ତାରିଖରେ ଗୋଚ୍ଛାପଡା ଥାନା ମାଟାକୁପା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଓଜି, ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍ ଯବାନମାନଙ୍କ ଏକ ଟିମ୍ କରାଯାଇ ଏହି ଜଙ୍ଗଲକୁ ଘେରି ରହିଥିବା ସଦର ଥାନା, ବୌଦ୍ଧ ଜିଲା କଣ୍ଟାମାଳ, ମନମୁଣ୍ଡା ଥାନା ଅଞ୍ଚଳରୁ କୋମ୍ବିଂ ଅପରେଶନ ଆରମ୍ଭ ହୋଇଥିଲା। ୧୬ ତାରିଖ ଗୋଚ୍ଛାପଡା ଥାନା ଉପରଡଙ୍ଗାନାମୁ, ତଳଡଙ୍ଗାନାମୁ ଅଞ୍ଚଳରୁ ମାଓବାଦୀମାନେ ହଠାତ ଗୁଳିବର୍ଷଣ କରିଥିଲେ। ଯବାନମାନେ ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ କହିଥିଲେ। ହେଲେ ସେମାନେ ଗୁଳି ଚାଳନା ଜାରି ରଖିବାରୁ ପୋଲିସ ପାଲଟା ଆକ୍ରମଣ କରିଥିଲା। ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ମାଓବାଦୀ ସେଠାରୁ ଖସି ଯାଇଥିଲେ। ପରେ ସର୍ଚ୍ଚ ଅପରେଶନ ବେଳେ ସେଠାରୁ ବନ୍ଧୁକ, ଜିଲୋଟିନ, ଡିଟୋନେଟର, ବ୍ୟାଟେରି, ଏଲ୍‌ଇଡି, ଡ୍ରେସ ଆଦି ସାମଗ୍ରୀ ମିଳିଥିଲା। ସେହି ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି ବୋଲି ଏସ୍‌ପି ଜଣାଇଛନ୍ତି।


ଜବତ ସାମଗ୍ରୀ।

## କଣମଣା ପଞ୍ଚାୟତ ବିକାଶର ପୁସ୍ତିକା ଉନ୍ମୋଚିତ



ଛତ୍ରପୁର,୧୮।୧(ଦିଲୀପ ସାମଲ):

'ଆମ ଓଡିଶା ନବୀନ ଓଡିଶା' ଯୋଜନାରେ ପଞ୍ଚାୟତସ୍ତରରେ ବିକାଶ ନିମନ୍ତେ ବିଭିନ୍ନ କ୍ଷେତ୍ରରେ ଅନୁଦାନ ପ୍ରଦାନ କରାଯାଉଛି। ଏହି ଅବସରରେ ଗୁରୁବାର କଣମଣା ପଞ୍ଚାୟତରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ସରପଞ୍ଚ ବି.ଦମୟନ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା ଶିବିରରେ ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ.ଚକ୍ରପାଣି ରେଡ୍ଡୀ ସଭାପତିତ୍ୱ କରି ପଞ୍ଚାୟତର ବିକାଶର ବିବରଣୀ ରଖିଥିଲେ। ଆମ ଓଡିଶା ନବୀନ ଓଡିଶାରେ ୯ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୭୯୩ ପରିବାର ଅନ୍ତର୍ଭୁକ୍ତ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ଟି ପ୍ରକଳ୍ପ ପାଇଁ ୧୬ ଲକ୍ଷ ଟଙ୍କା, କାଳିଆ ଯୋଜନାରେ ୧୦୬୦ ପରିବାର ଅନ୍ତର୍ଭୁକ୍ତ, ସାମାଜିକ ସୁରକ୍ଷା ଭତ୍ତାରେ ୭୪୧ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ, ୯୧ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ୩ କୋଟି ୭୫ ଲକ୍ଷ ବିନା ସୁଧରେ ଋଣ, ୧୭୯୩ ପରିବାର ରାସନ କାର୍ଡରେ ଅନ୍ତର୍ଭୁକ୍ତ, ମମତା ଯୋଜନାରେ ୪୬୭ ଗର୍ଭବତୀ ମହିଳାଙ୍କୁ ସହାୟତା, ପଞ୍ଚାୟତରେ ଆମ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଆଦି ବିକାଶ ହୋଇଥିବା ଶ୍ରୀ ରେଡ୍ଡି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ.ଶାରାଦା ରେଡ୍ଡୀ, ବିଡିଓ ସୁଶାନ୍ତ କୁମାର ବରାଳ, ଜିଲା ପରିଷଦ ସଭ୍ୟ ଏମ.ଧନଞ୍ଜୟ ରେଡ୍ଡୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସଙ୍କ ସମେତ ବହୁ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# ଛତ୍ରପୁର କଲେଜରେ ତାଲା ପକାଇଲେ ଛାତ୍ରୀଛାତ୍ର

ଛତ୍ରପୁର,୧୮।୧(ସନ୍ତୋଷ ପାଢ଼ୀ):
ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରମାନେ ଅଧ୍ୟାପିକାଙ୍କ ମନମୁଖି କାର୍ଯ୍ୟକଳାପ ଏବଂ ଇଣ୍ଟରନାଲ ପରୀକ୍ଷାରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଶୂନ ମାର୍କ ଦେଇଥିବା ଯୋଗୁ କଲେଜ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି। ଅଭିଯୋଗ କରିଛନ୍ତି ଯେ, ବିଭାଗରେ ପାଠପଢ଼ା ହେଉନଥିବା ବେଳେ ଅଧ୍ୟାପିକା ଜଣଙ୍କ ମନମୁଖି କାର୍ଯ୍ୟକରି ସମସ୍ତ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ସହ ଧମକ ଦେଉଛନ୍ତି। ଗତ ସେପ୍ଟେମ୍ବର ମାସରେ ହୋଇଥିବା ଇଣ୍ଟରନାଲ ପରୀକ୍ଷାରେ ୪୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଶୂନ୍ୟ ମାର୍କ ପ୍ରଦାନ କରିଛନ୍ତି। ଅଧ୍ୟାପିକାଙ୍କର ଶିକ୍ଷାଦାନ ପ୍ରଣାଳୀ ଠିକ ନଥିବା ବେଳେ ଏଭଳି ରାଗ ରଖି ଶୂନ୍ୟ ମାର୍କ ଦେଇଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ପୂର୍ବରୁ ଏ ନେଇ ଅଭିଯୋଗ ହୋଇଥିଲା ଏବଂ ଉକ୍ତ ବିଭାଗର ଅଧ୍ୟାପିକାଙ୍କୁ ଏ ବିଷୟରେ ଅବଗତ କରାଇବା ପରେ ପେପର ରି-ଚେକିଂ କରାଯାଇଥିଲା। ହେଲେ ପୁଣି ଥରେ ଉକ୍ତ ଛାତ୍ରୀଛାତ୍ରଙ୍କ ଶୂନ ମାର୍କ ଆସିଛି ବୋଲି କଲେଜ ଅଧକ୍ଷ କହିଛନ୍ତି। ଏଣୁ ଅଧ୍ୟାପିକାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି ଶିକ୍ଷା ବିଭାଗକୁ ଜଣାଯିବ ବୋଲି ଅଧକ୍ଷ କହିଛନ୍ତି।


ତାଲା ପକାଇ ଆନ୍ଦୋଳନ।

## ମର୍ଦ୍ଦରାଜ ହାଇସ୍କୁଲରେ ପୁରାତନ ଛାତ୍ର ସମାବେଶ

କବିସୂର୍ଯ୍ୟନଗର,୧୮।୧(କୃପାସିନ୍ଧୁ ସ୍ୱାଇଁ)
ସ୍ଥାନୀୟ ମର୍ଦ୍ଦରାଜ ହାଇସ୍କୁଲ ୧୯୫୫ଠାରୁ ୧୯୭୮ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଶିକ୍ଷାବିତ, ଲେଖକ ବି. ଚିରଞ୍ଜିବୀ ପାତ୍ରଙ୍କ ସଭାପତିତ୍ୱରେ ବନଦେବୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି କୃଷି ବିଜ୍ଞାନୀ ଡ. ବିପ୍ରଚରଣ ମିଶ୍ର, ସମ୍ମାନିତ ଅତିଥି ରିଜର୍ଭ ବ୍ୟାଙ୍କ ଅଧିକାରୀ ଏ. ଆପ୍ପାରାଓ, ପ୍ରଫେସର କୈଳାସ ନାଥ ସ୍ୱାଇଁ, ପ୍ରଧାନ ଶିକ୍ଷକ ବନମାଳୀ ସ୍ୱାଇଁ, ସଙ୍ଗୀତଜ୍ଞ କେ. ରାମାରାଓ, ବୈଷୟିକ ତାଲିମଦାତା ଗଣପତି ସାହୁ ମଞ୍ଚାସୀନ ଥିଲେ। ଅବସର ପ୍ରଧାନ ଶିକ୍ଷକ ରାମନାଥ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବେନ୍ଦ୍ର ପଟ୍ଟନାୟକ, ବଳରାମ ଜେନା, ରାମନାଥ ମାଝୀ ପରିଚାଳନା କରିଥିବା ବେଳେ ନବୀନ କୁମାର ପଟ୍ଟନାୟକ, ସୀମାଞ୍ଚଳ ନାୟକ, ଉତ୍ତମ ଚନ୍ଦ୍ର ରଥ, ଭାସ୍କର ରଥ, ମହେଶ୍ୱର ଦଳାଇ, ବିଶ୍ୱନାଥ ସ୍ୱାଇଁ, ବିପ୍ରଚରଣ ସ୍ୱାଇଁ, କାଳିଚରଣ ତ୍ରିପାଠୀ, ଡ. ଭବାନୀ ଶଙ୍କର ପାଳ, ଏ. ଜଗନ୍ନାଥ ରାଓ, ଏ. ସୁବାରାଓ ପାତ୍ରଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ଯୋଗୀନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମଲେଇ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ନିମନ୍ତ୍ରଣ



ପାରଳାଖେମୁଣ୍ଡି,୧୮।୧ (ଗିରିଧାରୀ ପରିଛା):

ଆସନ୍ତା ୨୭ ତାରିଖରେ ହେବାକୁ ଥିବା ମା' ସମଲେଇ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ସମ୍ବଲପୁର ଜିଲାରୁ ଆସିଥିବା ସେବାୟତ ଓ ଅଧିକାରୀ ଗଜପତି ଜିଲାରେ ଥିବା ରାମଗିରିର ମା' କୁରେଇଗୁଣି ମନ୍ଦିର, ଚନ୍ଦ୍ରଗିରିର ଜଗନ୍ନାଥ ମନ୍ଦିର ଓ ଆର.ଉଦୟଗିରି ଲୁହାଖମ୍ବ ମନ୍ଦିରକୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସେବାୟତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଦୁଳୟ ଚନ୍ଦ୍ର ରୟ, କ୍ରୀଷ୍ଣା ରୟ ଓ ଶିଶିର ରୟ ତିନି ସେବାୟତଙ୍କ ସମେତ ନୋଡାଲ ଅଫିସର ବିଚିତ୍ରା ନନ୍ଦଙ୍କୁ ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ସମ୍ବର୍ଦ୍ଧିତ କରିଥିଲେ। ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସମସ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବେଲଗୁଣ୍ଠା,୧୮।୧(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ମାଆ ବୁଢ଼ାକେନ୍ଦୁ ପୀଠରେ ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଜନ ତରଫରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧିକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର୍ ଶ୍ୱେତା ଶୁଭଦର୍ଶିନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଆସିକା ଚିନି ଶିଳ୍ପ ସଭାପତି ତଥା ସିଦ୍ଧପୁର ଶ୍ରୀରାମ ପାଣି ପଞ୍ଚାୟତ ସଭାପତି ରବୀନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ରୂପେ ଓପିକ୍ରା ଟିମ୍ ଲିଡର୍ ସାରଦା ପ୍ରସାଦ ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ପ୍ରଶାନ୍ତ କୁମାର ପଣ୍ଡା, ସିଦ୍ଧାର୍ଥ ରଣ ବିଜୁଳି, ବ୍ଲକସ୍ତରୀୟ କୃଷି ଅଧିକାରୀ ସୁମିନ୍ ସାହୁ ପ୍ରମୁଖ ଯୋଗ ଦେଇ ପାଣି ପଞ୍ଚାୟତର ଆବଶ୍ୟକତା ଏବଂ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ ଭାବେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ପାଣି ପଞ୍ଚାୟତଗୁଡ଼ିକୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମା' ବୁଢ଼ାକେନ୍ଦୁ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଞ୍ଜିନିୟର୍ ସନ୍ତୋଷ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଇଞ୍ଜିନିୟର ସନ୍ତୋଷ କୁମାର ଆରୁଖ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିରେ ମିଶିଲେ ୮ ପରିବାର

ପାତ୍ରପୁର,୧୮।୧(ଉମା ଚରଣ ନେପାକ)
ପାତ୍ରପୁର ପଞ୍ଚାୟତର ୭ଟି ଗ୍ରାମରେ ଗରିବ ପରିବାର, ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କୁ ଗୁରୁବାର ପାତ୍ରପୁର ବିଜେଡି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିକିଟି ରାଜପରିବାର ଯୁବରାଜ ତଥା ସମାଜିକ କର୍ମୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ ଉପସ୍ଥିତ ରହି ଶୀତବସ୍ତ୍ର ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଉପେନ୍ଦ୍ର ନାଥ ପ୍ରଧାନ, ସଚିଦାନନ୍ଦ ରାଜଗୁରୁ, ଜୟନ୍ତୀପୁରର ପୂର୍ବତନ ସରପଞ୍ଚ ଈଶୁରୁ ଦୁର୍ଯୋଧନ ରେଡ୍ଡି, ତ୍ରିନାଥ ନାୟକ ଓ ସୋମନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷା ଦେବୀଙ୍କ ନୀତିରେ ଅନୁପ୍ରାଣିତ ହୋଇ ପାତ୍ରପୁର ପଞ୍ଚାୟତର ବୁଡୁ ଆଚାରି, ଶଙ୍କର ଆଚାରି, ସାତୁ ଲକ୍ଷ୍ମଣ ଓ ସୁରେଶ କନ୍ୟାରିଙ୍କ ସହ ୮ଟି ପରିବାର ବିଜେଡିରେ ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ଶ୍ରରୁପ ଦେଓ ଦଳୀୟ ଉତ୍ତରୀୟ ସେମାନଙ୍କୁ ସ୍ୱାଗତ କରିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା, ୧୮।୧ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକର ବରଗାଁ ପଞ୍ଚାୟତରେ ଗୁରୁବାର ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଏକ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏମପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଡିଓ ଫକୀର ଚରଣ ପରିଡା, ଉପାଧକ୍ଷା ରେସ୍‌ମା ଦୋରା, ଶିବ ନାହାକ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଷ୍ଟଲ ଓ ଏଲଇଡି ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ବିଭାଗରେ ରାଜ୍ୟର ଜନସାଧାରଣ ଲାଗି ସରକାରଙ୍କ ପକ୍ଷରୁ ରହିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଜନସାଧାରଣ ଯେପରି ଏହି ଯୋଜନାର ସୁଫଳ ପାଇପାରିବେ ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି କୁହାଯାଇଥିଲା।

# ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶେରଗଡ, ୧୮।୧(ସୂର୍ଯ୍ୟନାରାୟଣ ଦାଶ):
ବିଦ୍ୟାଳୟରେ ପାଠପଢା ସହ କ୍ରିଡ଼ା କ୍ଷେତ୍ରରେ ଉତ୍ତମ ଜ୍ଞାନ ଅର୍ଜନ କରିବାକୁ ପଡିବ। ଏଥିସହ ନିଜର ଭାଷା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସମସ୍ତ ଛାତ୍ରଛାତ୍ରୀ ପ୍ରତିଯୋଗିତା ମନୋଭାବ ପୋଷଣ କରିବାକୁ ପଡିବ। ତାହାହେଲେ ଯାଇ ଆମେ ସୁରକ୍ଷିତ ରହିବା ସହିତ ଆମର ଭାଷା ସାହିତ୍ୟରେ ଆଗୁଆ ହୋଇପାରିବା। ଏହି ବାର୍ତ୍ତା ଶେରଗଡ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ କହିଛନ୍ତି ମୁଖ୍ୟ ଅତିଥି ତଥା ବରିଷ୍ଠ ଶିକ୍ଷାବିତ ମୃତ୍ୟୁଞ୍ଜୟ ମିଶ୍ର। ଶେରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପାଢୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପଣ୍ଡା, ଅମୂଲ୍ୟ କୁମାର ପାଢୀ, ସୂର୍ଯ୍ୟନାରାୟଣ ଦାଶ, ସୁବ୍ରତ କୁମାର ପଣ୍ଡା, ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଡାକୁଆ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଜେ ସାରଥି ଆଚାରୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛତ୍ରପୁର ଲାଏନ୍ସ କ୍ଲବ ଚାମ୍ପିୟନ


ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ଅତିଥି।

ଗଞ୍ଜାମ,୧୮।୧(ବିଦ୍ୟାଧର ସାହୁ)
ଗଞ୍ଜାମ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ଖେଳ ପଡ଼ିଆରେ ତିନିଦିନ ଧରି ଚାଲିଥିବା ମା' ବୁଢ଼ୀ ଠାକୁରାଣୀ ହେଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଛତ୍ରପୁର ଲାଏନ୍ସ କ୍ଲବ ଓ ମା ରାଜମା ସିକ୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ୫ଟି ସେଟ ଖେଳ ମଧ୍ୟରୁ ଛତ୍ରପୁର ଲାଏନ୍ସ କ୍ଲବ ତିନୋଟି ସେଟ ଜିତି ଚାମ୍ପିୟନ ହୋଇଥିଲା। ରାଜମା ସିକ୍ସ ରନର୍ସ ଅପ ହୋଇଥିଲା। ଅତିଥି ଭାବେ ଏନଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଏନ୍‌ଏସି ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, କାଉନସିଲର ପୁରୁଷୋତ୍ତମ ସାହୁ, ପଦିଆ ବେହେରା ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ ଦଳ ଅଂଶଗ୍ରହଣ କରିଥିଲେ। ଯୁଥ କ୍ଲବ ସଭାପତି ଶମ୍ଭୁନାଥ ନାହାକ, ସନ୍ତୋଷ ମହାରଣା, ଧିରେନ ପଟ୍ଟନାୟକ, ପପୀନା ନାହାକ, ବିଜେଡି ଯୁବନେତା ବିଭୁତି ପଲାଇ, ଅରୁଣ କୁମାର ଗୌଡ଼, ସଚ୍ଚିଦାନନ୍ଦ ଗୌଡ଼, କାଲୁଚରଣ ଗୌଡ଼ ପ୍ରସାଦ ଗୌଡ଼ ପ୍ରମୁଖ ପରିଚାଳନା କରିଥିଲେ।

# ସାମାଜିକ ଗଣମାଧ୍ୟମରେ ଗୁଜବରୁ ଦୂରେଇବା ଜରୁରୀ

ପାରଳାଖେମୁଣ୍ଡି, ୧୮।୧ (ଗିରିଧାରୀ ପରିଛା):

## ଗଜପତି ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ


ଉତ୍ସବକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଟାଉନ ହାଲଠାରେ ଜିଲା ପ୍ରେସ କ୍ଲବର ୧ ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବରିଷ୍ଠ ଖବରଦାତା ଡିଜେନ ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିରେନ୍ଦ୍ର କୁମାର ଦାସ, ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର ଉପସଭାପତି ଡି.ଏନ.ରାଓ, ପାରଳା ବିଧାୟକ କେ.ନାରାୟଣ ରାଓ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ ଓ ପାରଳାଖେମୁଣ୍ଡି ଏସଡିପିଓ ମାଧବ ନନ୍ଦ ନାୟକ ମଞ୍ଚାସୀନ ଥିଲେ। ଏକ ସୁସ୍ଥ ସମାଜ ଗଠନ ପାଇଁ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଅନେକ ଗୁଜବ ସୃଷ୍ଟି କରାଯାଉଥିବା ବେଳେ ସେଥିରୁ ଦୂରେଇ ରହିବା ପାଇଁ ମୁଖ୍ୟ ଅତିଥି କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶକ୍ତି ସ୍ୱରୁପା ପଟ୍ଟନାୟକ ଯୋଗଦେଇ ଭାରତୀୟ ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକା ଓ ବର୍ତ୍ତମାନର ପରିସ୍ଥିତିରେ ସାମାଜିକ ଗଣମାଧ୍ୟମର ସ୍ଥିତି ଉପରେ ଆଲୋକପାତ କରିଥିଲେ ରୁପେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଦୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବାସୁଦେବ ଦାଶ, ଆଦର୍ଶ ଦାସ, ରାମଗୋବିନ୍ଦ ଆଚାର୍ଯ୍ୟ, ଗିରିଧାରୀ ପରିଛା, ରଶ୍ମି ରଞ୍ଜନ ସାହୁ, ସନ୍ତୋଷ କୁମାର ପାଟଯୋଶୀଙ୍କ ସମେତ ସମସ୍ତ ବ୍ଲକ ଓ ଜିଲାସ୍ତରୀୟ ଖବରଦାତା ଉପସ୍ଥିତ ଥିଲେ।

